European Union
(ଇଉରୋପୀଅନ୍ ୟୁନିଅନ୍)

# ଓଡ଼ିଶା ପ୍ରାଥମିକ ଶିକ୍ଷା ଅଧିକାର ଆଇନ୍

(ଡ଼ିସିଏ) (ସ୍ପ୍ରେଡ୍)

## ଆପଣ ଜାଣନ୍ତି କି ?



- ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ୬ରୁ ୧୪ବର୍ଷ ବୟସର ପ୍ରତ୍ୟେକ ପିଲା ବାଧ୍ୟତାମୂଳକ ଭାବେ ବିଦ୍ୟାଳୟକୁ ଯିବେ ଓ ଅତି କମ୍‌ରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ପାଠ ପଢ଼ିବେ ।
- ବିଦ୍ୟାଳୟରେ ପଢୁଥିବା ଭିନ୍ନକ୍ଷମ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସହାୟକ ଉପକରଣ ଓ ଯାତାୟତ ଭତ୍ତା ଦିଆଯିବା ସହ ପୋଲିଓ, ଗ୍ରହଣ ଖଣ୍ଡିଆ ଆଦି ଶାରୀରିକ ତ୍ରୁଟିର ଅପରେଶନ ସୁବିଧା ଯୋଗାଇ ଦିଆଯାଉଛି ।
- ଯଦି ୪ବର୍ଷରୁ ବେଶି ବୟସର କୌଣସି ଶିଶୁ କୌଣସି ସ୍କୁଲରେ ନାମ ଲେଖାଇନାହିଁ, ତେବେ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ତାଙ୍କର ନାମ ଲେଖାଇ ଦିଆଯିବା ଏବଂ ଏଭଳି ଶିଶୁକୁ ଅନ୍ୟ ଶିଶୁମାନଙ୍କ ସହ ସମକକ୍ଷ ହେବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି ।
- ମନେରଖନ୍ତୁ, ପ୍ରଥମରୁ ୫ମ ଶ୍ରେଣୀ ପାଇଁ ୩୦ଜଣ ଶିଶୁଙ୍କ ପାଇଁ ଜଣେ ଶିକ୍ଷକ, ୩୧ ରୁ ୪୦ ଶିଶୁଙ୍କ ପାଇଁ ଦୁଇଜଣ ଶିକ୍ଷକ ରହିବାର ବ୍ୟବସ୍ଥା ଅଛି ।
- ସେହିଭଳି ୬ଷ୍ଠରୁ ୮ମ ଶ୍ରେଣୀ ଥିବା ସ୍କୁଲରେ ପ୍ରତି ବିଷୟ ପାଇଁ ଅନ୍ତତଃ ପକ୍ଷେ ଶ୍ରେଣୀଓ୍ୱାରୀ ଜଣେ ଶିକ୍ଷକ ରହିବାର ବ୍ୟବସ୍ଥା ଅଛି ।
- ବାହାରକୁ କାମ କରିବାକୁ ଯାଉଥିବା ଏବଂ ଅନ୍ୟ ସ୍ଥାନରୁ କାମ କରିବାକୁ ଆସୁଥିବା ପରିବାରର ପିଲାମାନଙ୍କ ପାଠପଢ଼ା ପାଇଁ ରାଜ୍ୟର କିଛି ଜିଲ୍ଲାରେ ଋତୁକାଳୀନ ଛାତ୍ରାବାସ ଖୋଲାଯାଇଛି । ପାଠପଢ଼ା ପିଲାଙ୍କୁ ଋତୁକାଳୀନ ଛାତ୍ରାବାସରେ ରଖନ୍ତୁ ।
- ଅଭିଯୋଗ ଦାଖଲ କରିବା ସକାଶେ ଶିକ୍ଷାର୍ଥୀ ଓ ଅଭିଭାବକମାନେ ଷ୍ଟୁଡ଼େଣ୍ଟସ୍ ହେଲପ୍ ଲାଇନ ୧୮୦୦-୩୪୫୬୭୨ରେ ଯୋଗାଯୋଗ କରନ୍ତୁ ।
- ଏ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜନସାଧାରଣ ଓ ଶିକ୍ଷକ, ଶିକ୍ଷୟତ୍ରୀମାନେ ସହଯୋଗ କରନ୍ତୁ ।

**ଘୋଷଣାନାମା:-** ଇଉରୋପୀଅନ୍ ୟୁନିଅନ୍‌ର ସହାୟତାରେ ଏବଂ ଡ୍ୟାନ୍ ଚର୍ଚ୍ଚ ଏଡ୍ ଓ ସ୍ପ୍ରେଡ୍ କୋରାପୁଟଙ୍କ ଦ୍ୱାରା କାର୍ଯ୍ୟକାରୀ ଏକ ପ୍ରକଳ୍ପ ସୌଜନ୍ୟରେ ପ୍ରସ୍ତୁତ ଏହି ଲେଖା ସରକାରଙ୍କ ବିଭିନ୍ନ ପ୍ରକାଶନରୁ ଉଦ୍ଧୃତ । ଏଠାରେ ଲିଖିତ ବିଷୟବସ୍ତୁ ପାଇଁ ଇଉରୋପୀଅନ୍ ୟୁନିଅନ୍ କୌଣସି ସ୍ଥଳେ ଦାୟୀ ନୁହଁନ୍ତି ।